# ଓଡ଼ିଶା ଅଧିନିୟମ 1990ର 2

ବାଲୁଗାଁ ଅଧିସୂଚିତ କ୍ଷେତ୍ର ପରିଷଦ (ପଦର କାର୍ଯ୍ୟକାଳର ସଂପ୍ରସାରଣ ଓ ବିଧିମାନ୍ୟକରଣ) ଅଧିନିୟମ, 1990

(ତା 27 ଜୁନ୍ 1990ରେ ରାଜ୍ୟପାଳଙ୍କ ସମ୍ମତିପ୍ରାପ୍ତ, ତା 30 ଜୁନ୍ 1990 ରେ ଓଡ଼ିଶା ଗେଜେଟର ଏକ ଅସାଧାରଣ ସଂସ୍କରଣରେ ପ୍ରଥମେ ପ୍ରକାଶିତ)

ବାଲୁଗାଁ ଅଧିସୂଚିତ କ୍ଷେତ୍ର ପରିଷଦର ପଦର କାର୍ଯ୍ୟକାଳର ସଂପ୍ରସାରଣ ଏବଂ ଉକ୍ତ ପରିଷଦ ଓ ତାହାର ସଭାଧକ୍ଷଙ୍କ କାର୍ଯ୍ୟଗୁଡିକର ବିଧିମାନ୍ୟକରଣ ନିମନ୍ତେ ବ୍ୟବସ୍ଥା କରିବା ପାଇଁ ତଥା ତତ୍ ଆନୁଷଙ୍ଗିକ ବା ତତ୍ ସଂପର୍କିତ ବିଷୟଗୁଡ଼ିକ ନିମନ୍ତେ ଏକ ଅଧିନିୟମ ।

ଭାରତ ଗଣରାଜ୍ୟର ଏକଚାଳିଶିତମ ବର୍ଷରେ ଓଡ଼ିଶା ରାଜ୍ୟର ବିଧାନମଣ୍ଡଳ ଦ୍ୱାରା ନିମ୍ନମତେ ଅଧିନିୟମିତ ହେଉ :-

ସଂକ୍ଷିପ୍ତ ନାମ ।

1. ଏହି ଅଧିନିୟମଟି ବାଲୁଗାଁ ଅଧିସୂଚିତ କ୍ଷେତ୍ର ପରିଷଦ (ପଦର କାର୍ଯ୍ୟକାଳର ସଂପ୍ରସାରଣ ଓ ବିଧିମାନ୍ୟକରଣ) ଅଧିନିୟମ, 1990 ନାମରେ ଅଭିହିତ ହେବ ।

ସଂଜ୍ଞା ।

2. ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁନଥିଲେ, ଏହି ଅଧିନିୟମରେ, -

(କ) "ପୌର ଅଧିନିୟମ" ଅର୍ଥ ଓଡିଶା ପୌର ଅଧିନିୟମ, 1950 ;

(ଖ) "ଅଧିସୂଚିତ କ୍ଷେତ୍ର ପରିଷଦ" ଅର୍ଥ ପୌର ଅଧିନିୟମ ଅନୁଯାୟୀ ଗଠିତ ଏକ ଅଧିସୂଚିତ କ୍ଷେତ୍ର ପରିଷଦ ;

(ଗ) ଏହି ଅଧିନିୟମରେ ଯେଉଁ ଶବ୍ଦ ଓ ଅଭିବ୍ୟକ୍ତିଗୁଡିକ ବ୍ୟବହୃତ ହୋଇଛି ଅଥଚ ସଂଜ୍ଞା କରାଯାଇନାହିଁ କିନ୍ତୁ ପୌର ଅଧିନିୟମରେ ସଂଜ୍ଞା କରାଯାଇଛି ସେଗୁଡ଼ିକର ଅର୍ଥ, ଯଥାକ୍ରମେ ପୌର ଅଧିନିୟମରେ ଯାହା ରହିଛି ତାହାହିଁ ହେବ ।

ପଦର କାର୍ଯ୍ୟକାଳର ସଂପ୍ରସାରଣ, ବିଧିମାନ୍ୟକରଣ ଓ ପରିଣାମ ।

3. ପୌର ଅଧିନିୟମ ବା ବାଲୁଗାଁ ଅଧିସୂଚିତ କ୍ଷେତ୍ର ପରିଷଦ (ପଦର କାର୍ଯ୍ୟକାଳର ସଂପ୍ରସାରଣ) ଅଧିନିୟମ, 1988 ରେ ଯାହାକିଛି ଥିବା ସତ୍ତ୍ୱେ,-

(କ) ପୁରୀ ଜିଲ୍ଲା ଅନ୍ତର୍ଗତ ବାଲୁଗାଁ ଅଧିସୂଚିତ କ୍ଷେତ୍ରର ଯେଉଁ ପାରିଷଦମାନେ ତା 14 ସେପ୍ଟେମ୍ବର, 1988ରେ ସେମାନଙ୍କ ପଦରେ ରହିଥିଲେ, ସେମାନଙ୍କ ପଦର କାର୍ଯ୍ୟକାଳକୁ ତା 18, ମଇ 1990 ପର୍ଯ୍ୟନ୍ତ ସଂପ୍ରସାରିତ କରାଯାଇଛି ବୋଲି ବିବେଚିତ ହେବ ;

(ଖ) ତା 15 ସେପ୍ଟେମ୍ବର 1984 ଠାରୁ ତା 8 ମଇ 1990 ଅବଧି ମଧ୍ୟରେ ଉକ୍ତ ଅଧିସୂଚିତ କ୍ଷେତ୍ର ପରିଷଦ ଓ ତାହାର ସଭାଧ୍ୟକ୍ଷଙ୍କ ଦ୍ୱାରା କରାଯାଇଥିବା ସମସ୍ତ କାର୍ଯ୍ୟ ଓ ବିଷୟ ଏବଂ ଦିଆଯାଇଥିବା ସମସ୍ତ ଆଦେଶ, ଯାହାକି ତାହାର ପାରିଷଦମାନଙ୍କ ପଦର କାର୍ଯ୍ୟକାଳ ବିଧିମାନ୍ୟଭାବରେ ସଂପ୍ରସାରିତ କରାଯାଇଛି ବୋଲି ବିଶ୍ୱାସ କରି କରାଯାଇଥିଲା ବା ଦିଆଯାଇଥିଲା, ତାହା ସମସ୍ତ ଅଭିପ୍ରାୟରେ ଓ ଉଦ୍ଦେଶ୍ୟରେ ବିଧିମାନ୍ୟ ଭାବେ କରାଯାଇଥିଲା ଓ ଦିଆଯାଇଥିଲା ବୋଲି ବିବେଚିତ ହେବ ଏବଂ ଉକ୍ତ ପାରିଷଦମାନଙ୍କ ପଦର କାର୍ଯ୍ୟକାଳ ବିଧିମାନ୍ୟ ଭାବରେ ସଂପ୍ରସାରିତ କରାଯାଇନଥିଲା ବୋଲି କେବଳ ମାତ୍ର କାରଣରୁ ସେପରି କୌଣସି କାର୍ଯ୍ୟ, ବିଷୟ ବା ଆଦେଶକୁ କୌଣସି ନ୍ୟାୟାଳୟରେ ପ୍ରଶ୍ନ କରାଯାଇ ପାରିବ ନାହିଁ କି ଅନ୍ୟଥା ଆପତ୍ତି କରାଯାଇ ପାରିବ ନାହିଁ ;

(ଗ) ଉକ୍ତ ଅଧିସୂଚିତ କ୍ଷେତ୍ର ପରିଷଦର ପୁନର୍ଗଠନ ନିମନ୍ତେ ନିର୍ବାଚନ, ପୌର ଅଧିନିୟମ ଓ ତଦଧୀନ ପ୍ରଣୀତ ନିୟମାବଳୀ ଅନୁଯାୟୀ ରାଜ୍ୟ ସରକାର ଅଧିସୂଚନା ଦ୍ୱାରା ନିର୍ଦ୍ଦେଶ ଦେବା ମତେ ତା 31, ଡିସେମ୍ବର 1990 ର ପରବର୍ତ୍ତୀ ହେଉନଥିବା ସେପରି ତାରିଖରେ ଅନୁଷ୍ଠିତ ହେବ ;

(ଘ) ସେପରି ପୁନର୍ଗଠିତ ହୋଇଥିବା ପରିଷଦ, ସମସ୍ତ ଅଭିପ୍ରାୟରେ ଓ ଉଦ୍ଦେଶ୍ୟରେ ପୌର ଅଧିନିୟମର ବ୍ୟବସ୍ଥା ଅନୁଯାୟୀ ଗଠନ କରାଯାଇଛି ଓ ତାହା ଦ୍ୱାରା ପରିଚାଳିତ ହେଉଛି ବୋଲି ବିବେଚିତ ହେବ ।